**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**2 October – 2025**

# ଦଶହରା-ରାବଣପୋଡ଼ି

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ପାପ ଉପରେ ପୂଣ୍ୟର ବିଜୟର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟାଦଶମୀ ପର୍ବ ପାଳନ କରାଯାଉଛି । ଦେବୀପୀଠ ଗୁଡ଼ିକରେ ଆଜି ବିଶ୍ରାମ ପାଳନ କରାଯାଉଛି । ପୂଜାମଣ୍ଡପ ଗୁଡ଼ିକରେ ଆଜି ଦଶହରା ପୂଜା ଏବଂ ଶାରଦୀୟ ପୂଜାର ଶେଷସନ୍ଧ୍ୟାରେ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଆୟୋଜନ କରାଯାଉଛି ।

# ପୁରୀ-ବିଜୟା ଦଶମୀ

ପୁରୀ ଶ୍ରୀମନ୍ଦିରରେ ବିଜୟା ଦଶମୀ ପର୍ବ ଉପଲକ୍ଷେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ମହାପ୍ରଭୁଙ୍କ ଅବକାଶ ନୀତି ପରେ ଚନ୍ଦନଲାଗି ଓ ନୂଆଲୁଗା ଲାଗି କରାଯିବା ପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯିବ। ପ୍ରଭୁଙ୍କର ରାଜରାଜେଶ୍ୱର ବେଶ ଦର୍ଶନ କରିବା ମହାପୁଣ୍ୟ ବୋଲି ପୁରାଣଶାସ୍ତ୍ରରେ ବର୍ଣ୍ଣିତ ଅଛି । ଶ୍ରୀଜୀଉଙ୍କର ଏହି ଅନନ୍ୟ ଓ ଦୁର୍ଲଭ ବେଶକୁ ଦେଖିବା ପାଇଁ ପୁରୀରେ ଆଜି ଭକ୍ତଙ୍କ ସମାଗମ ହୋଇଛି ଏବଂ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଦେଶର ଦୁଇ ମହାନ ଜନନାୟକଙ୍କୁ ଆଜି ଦେଶବାସୀ ସ୍ମରଣ କରିଛନ୍ତି । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ହେଉଛି ଜନ୍ମଦିବସ । ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଅହିଂସାର ପୂଜାରୀ ବାପୁଜୀ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ମୁକ୍ତି ସଂଗ୍ରାମରେ ସିଏ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ପ୍ରବର୍ତ୍ତନ କରିଥିଲେ । ଏହାର ପ୍ରଭାବ ଏବେମଧ୍ଯ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଇଚାଲିଛି ।

୧୯୦୪ ମସିହାରେ ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ । ପିଲାଟିଦିନରୁ ଗାନ୍ଧୀଜୀଙ୍କ ଜାତୀୟତାର ପ୍ରେମରେ ଲାଲବାହାଦୁର ଶାସ୍ତ୍ରୀ ଅନୁପ୍ରାଣିତ ହୋଇଥିଲେ । ବାପୁଜୀଙ୍କ ଡାକରାରେ ଶାସ୍ତ୍ରୀଜୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସେ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ସ୍ଲୋଗାନ 'ଜୟ ଜବାନ-ଜୟ କିଷାନ' ଆଜି ମଧ୍ଯ ଦେଶବାସୀଙ୍କ ପାଖରେ ଅମର ବାଣୀ ହୋଇ ରହିଛି ।      ଗାଁରୁ ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ନିଜ ବାର୍ତ୍ତାରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବାପାଇଁ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗାନ୍ଧିଜୀଙ୍କ ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଗାନ୍ଧି ଜୟନ୍ତୀ ଅବସରରେ ଆଜି ଓଡ଼ିଶା ବିଧାନସଭା ପରିସରରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ।

## ନନ୍ଦନକାନନ

ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଭ୍ରମଣର ସମୟରେ ପରିବର୍ତ୍ତନ କରାଯାଇଛି। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ନନ୍ଦକାନନ ବୁଲି ଦେଖି ପାରିବେ। ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ତେବେ ପୂର୍ବଭଳି ସପ୍ତାହର ପ୍ରତି ସୋମବାର ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

# ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା

ରାଜ୍ୟ ସରକାର ଆଜିଠାରୁ ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଆରମ୍ଭ କରିବେ । ମହିଳା ଓ ଶିଶୁବିକାଶ ବିଭାଗ ଦ୍ୱାରା ଏହି ଯୋଜନା ମାଧ୍ୟମରେ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ୩ରୁ ୬ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ବର୍ଷକୁ ଗୋଟିଏ ସ୍ୱେଟର ବଣ୍ଟନ କରାଯିବ । ଯୋଜନା ଅଧୀନରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ ୩ରୁ ୬ ବର୍ଷ ବୟସର ଶିଶୁଙ୍କୁ ସ୍ୱେଟର ଦିଆଯିବ ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଅବପାତ ପାରାଦ୍ୱୀପ ଏବଂ ଗୋପାଳପୁର ମଧ୍ୟରେ ଅତିକ୍ରମ କରିବା ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ଆଜି ଏବଂ ଆସନ୍ତାକାଲି ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ ଅଧିକ ବେଗରେ ପବନ ବହିବାର ସମ୍ଭାବନା ଅଛି ।

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବନ୍ଦରଗୁଡ଼ିକରେ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି।